ପଶ୍ଚିମ ବଙ୍ଗ ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ବନ୍ଦନ ବାୟେନ ଏବଂ ଅନ୍ୟମାନେ

ଡିସେମ୍ବର 7, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ପଶ୍ଚିମବଙ୍ଗ ବୋର୍ଡର ବିବିଧ ନିୟମାବଳୀ, 1955 - ନିୟମ 56 ।*

*ପଶ୍ଚିମବଙ୍ଗ ସେବା (ସଚିବାଳୟ ସାଧାରଣ ବର୍ଗ) ନିୟମାବଳୀ, 1984 -ନିୟମ 4 ଏବଂ 7 ଏବଂ ଅନୁସୂଚୀ 2 ଏବଂ 2-A -ପଶ୍ଚିମବଙ୍ଗ ଲୋକସେବା ଆୟୋଗ ନିୟାମକ, 1937 -ନିୟମାବଳୀ 31 ଏବଂ ଅନୁସୂଚୀ 2 ଏବଂ 2-C -ନିଯୁକ୍ତି -ଜିଲ୍ଲା ଏବଂ ଅଧସ୍ତନ କାର୍ଯ୍ୟାଳୟରେ ଏଲ.ଡି.ସି. ପଦବୀ -ଏଥିପାଇଁ ଯୋଗ୍ୟତା -ପୂରଣ ନକରିବା -ନିଯୁକ୍ତି ପ୍ରତ୍ୟାଖ୍ୟାନ -ଏହି ଆଳ ଯେ ନିଯୁକ୍ତି ସାଧାରଣ ବର୍ଗ ନିୟମାବଳୀ ଦ୍ୱାରା ଅନ୍ତର୍ଭୁକ୍ତ ଯାହା ଅନୁଯାୟୀ ନିର୍ଦ୍ଦିଷ୍ଟ ଯୋଗ୍ୟତା ନିଯୁକ୍ତି ପାଇଁ ଏକ ସର୍ତ୍ତ ନୁହେଁ -ନିର୍ଣ୍ଣୟ ହେଲା, ନିଯୁକ୍ତି ବୋର୍ଡର ବିବିଧ ନିୟମାବଳୀ ଦ୍ୱାରା ପରିଚାଳିତ, ତେଣୁ ନିଯୁକ୍ତି ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ ହୋଇଛି - ପଶ୍ଚିମବଙ୍ଗ (ବର୍ଗୀକରଣ ନିୟନ୍ତ୍ରଣ ଏବଂ ଅପିଲ) ନିୟମାବଳୀ, 1971 ।*

**ଉତ୍ତରଦାତାମାନେ, ଯିଏ ଜିଲ୍ଲା ଏବଂ ଅଧସ୍ତନ କାର୍ଯ୍ୟାଳୟରେ ଏଲ.ଡି.ସି. ପଦବୀରେ ନିଯୁକ୍ତି ପାଇଁ ପ୍ରାର୍ଥୀ, ଟାଇପ୍ ପରୀକ୍ଷାରେ ବିଫଳ ହୋଇଥିଲେ, ସେମାନଙ୍କୁ ନିଯୁକ୍ତି ପ୍ରତ୍ୟାଖ୍ୟାନ କରାଯାଇଥିଲା ।**

**ଉଚ୍ଚ ନ୍ୟାୟାଳୟରେ ସେମାନଙ୍କର ଆଜ୍ଞାଦେଶ ଆବେଦନକୁ ଜଣେ ଏକକ ନ୍ୟାୟମୂର୍ତ୍ତି ଖାରଜ କରିଦେଇଥିଲେ । ଅପିଲ ଉପରେ, ଦୁଇଜଣିଆ ଖଣ୍ଡପୀଠ ଏକକ ନ୍ୟାୟମୂର୍ତ୍ତିଙ୍କ ରାୟକୁ ଖାରଜ କରି ଉତ୍ତରଦାତାଙ୍କ ନିଯୁକ୍ତିକୁ ନିର୍ଦ୍ଦେଶ ଦେଇଥିଲେ ।**

**ଏହି ନ୍ୟାୟାଳୟରେ ରାଜ୍ୟ ଦ୍ୱାରା ଆଗତ ଅପିଲରେ, ଉତ୍ତରଦାତା ଯୁକ୍ତି ଦର୍ଶାଇଥିଲେ ଯେ ପଶ୍ଚିମବଙ୍ଗ ସେବା (ସଚିବାଳୟ ସାଧାରଣ ବର୍ଗ) ନିୟମାବଳୀର ନିୟମ 4, ସକ୍ଷମ କର୍ତ୍ତୃପକ୍ଷଙ୍କୁ ନିୟମ 7 ଏବଂ 4 ଅନୁଯାୟୀ ନିଯୁକ୍ତି କରିବାକୁ କ୍ଷମତା ପ୍ରଦାନ କରିଛି, ଏବଂ ଅନୁସୂଚୀରେ ନିର୍ଦ୍ଦିଷ୍ଟ ହୋଇଥିବା ବିଭାଗଗୁଡିକର ତାଲିକା ପାଇଁ ପ୍ରଯୁଜ୍ୟ, ଯାହା 'ଜମି ଏବଂ ଜମି ସଂସ୍କାର ବିଭାଗ' ର ପରିକଳ୍ପନା କରିଛି । ଯେହେତୁ ଉତ୍ତରଦାତାମାନେ ଉପରୋକ୍ତ ବିଭାଗରେ କାର୍ଯ୍ୟ କରୁଥିଲେ, ସେମାନେ ସାଧାରଣ ବର୍ଗର ନିୟମାବଳୀ ଦ୍ୱାରା ପରିଚାଳିତ ହୁଅନ୍ତି, ଯାହା ଅନୁଯାୟୀ ଟାଇପ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିଯୁକ୍ତି ପାଇଁ ଏକ ସର୍ତ୍ତ ନୁହେଁ ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : 1.1. ଏହି ନିଯୁକ୍ତି ସଠିକ୍ ଏବଂ ଆଇନଗତ ଭାବରେ କରାଯାଇଥିଲା । ଟାଇପିଂ ପରୀକ୍ଷାରେ ହାଜର ହୋଇଥିବା ଏବଂ ବିଫଳ ହୋଇଥିବା ଉତ୍ତରଦାତାମାନେ ପଛକୁ ଫେରି ଯୁକ୍ତି କରିପାରିବେ ନାହିଁ ଯେ ବୋର୍ଡର ବିବିଧ ନିୟମାବଳୀ, 1955 ସେମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।**

**1.2. ପଶ୍ଚିମ ବଙ୍ଗ ସେବା (ସଚିବାଳୟ ସାଧାରଣ ବର୍ଗ) ନିୟମାବଳୀ, 1984 ସ୍ପଷ୍ଟ ଭାବରେ ସୂଚିତ କରେ ଯେ ସେଗୁଡ଼ିକ ସଚିବାଳୟ ଏବଂ ଅନୁସୂଚୀରେ ଉଲ୍ଲିଖିତ କାର୍ଯ୍ୟାଳୟଗୁଡ଼ିକ ପାଇଁ ପ୍ରଯୁଜ୍ୟ ଅଟେ । ଅନୁସୂଚୀରେ ଉଲ୍ଲିଖିତ ଭୂମି ଏବଂ ଭୂ ସଂସ୍କାର ବିଭାଗ ହେଉଛି ସଚିବାଳୟର ଏକ ବିଭାଗ । 'କାର୍ଯ୍ୟାଳୟ' ରେ ରାଜସ୍ୱ ବୋର୍ଡ ବିଷୟରେ ଉଲ୍ଲେଖ ରହିଛି । ତେଣୁ ସଚିବାଳୟ ଏକ ପୃଥକ ଶାଖା ଏବଂ ରାଜସ୍ୱ ପର୍ଷଦ ହେଉଛି ବିଭାଗର ମୁଖ୍ୟ । ପଶ୍ଚିମବଙ୍ଗ ଲୋକ ସେବା ଆୟୋଗ ନିୟାମକ, 1937 ସହିତ ସଂଲଗ୍ନ ଅନୁସୂଚୀ 2 ଏବଂ 2-C ର ଅନୁଧ୍ୟାନ ପରେ ଏହା ସ୍ପଷ୍ଟ ହୁଏ । ଲୋକସେବା ଆୟୋଗ ମାଧ୍ୟମରେ ନିଯୁକ୍ତି ପାଇଁ ନିୟମାବଳୀ, ଲିପିକ ପ୍ରତିଷ୍ଠାନ, ଷ୍ଟେନୋଗ୍ରାଫର ଏବଂ ସଚିବାଳୟର ଟାଇପିଷ୍ଟ ଏବଂ ବିଭାଗର ମୁଖ୍ୟଙ୍କ ସମ୍ବନ୍ଧରେ ଅଟେ ।**

**1.3. ଅନୁସୂଚୀ 2 ଏବଂ 2-C ରେ ଉଲ୍ଲେଖ ଥିବା ବିଭାଗ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ବିଭାଗ, ଜିଲ୍ଲା ଏବଂ ଉପ-ବିଭାଗୀୟ କାର୍ଯ୍ୟାଳୟ, ପଶ୍ଚିମବଙ୍ଗ ସେବା ଆୟୋଗ, 1937 ର ନିୟମ 31 ର କାର୍ଯ୍ୟକାରିତା ଦ୍ୱାରା ବାଦ ଦିଆଯାଇଛି । ଥରେ ସେମାନେ ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତିରୁ ବାଦ ପଡ଼ିଗଲେ, ଆବଶ୍ୟକୀୟ ଅନୁରୂପ ଫଳାଫଳ ହେବ ଯେ ସେମାନେ ବୋର୍ଡର ବିବିଧ ନିୟମାବଳୀ, 1955 ଦ୍ୱାରା ନିୟନ୍ତ୍ରିତ ହେବେ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 11861/1995 ।

ଏଫ୍.ଏମ୍.ଏ. ସଂଖ୍ୟା 648/1991 ରେ କଲିକତା ଉଚ୍ଚ ନ୍ୟାୟାଳୟର 27.4.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ତାପସ ଚନ୍ଦ୍ର ରାୟ, ସୁଶ୍ରୀ ମୃଦୁଲା ରାୟ ଭରଦ୍ୱାଜ ଏବଂ ଆଲୋକ କୁମାର ବିଶ୍ୱାସ ।

ଉତ୍ତରଦାତାମାନଙ୍କ ପାଇଁ ଏମ୍.ଏନ୍. କୃଷ୍ଣମଣି, ଶ୍ରୀମତୀ ସରଳା ଚାନ୍ଦ୍ରା, ବିଜନ କୁମାର ଘୋଷ ଏବଂ ପି. ଚୌଧୁରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଏହି ଅପିଲରେ ଏକମାତ୍ର ପ୍ରଶ୍ନ ହେଉଛି ଯେ କନିଷ୍ଠ ବର୍ଗରେ ନିଯୁକ୍ତି ପାଇଁ ପଶ୍ଚିମବଙ୍ଗ ବୋର୍ଡ ବିବିଧ ନିୟମାବଳୀ, 1955 ର ଜୁଲାଇ 21, 1954 ରେ ଅଧିସୂଚନା ସଂଖ୍ୟା 2083-F ରେ ଜାରି ହୋଇଥିବା

ସଚିବାଳୟ ଏବଂ ପଶ୍ଚିମବଙ୍ଗ ସରକାରଙ୍କ କେତେକ ଅନ୍ୟାନ୍ୟ କାର୍ଯ୍ୟାଳୟର ଲିପିକ ସେବା ନିଯୁକ୍ତି ନିୟାମକ ନିୟମ ଦ୍ୱାରା ଉତ୍ତରଦାତାମାନେ ପରିଚାଳିତ ହୁଅନ୍ତି କି? ତଥ୍ୟଗୁଡ଼ିକ ବିବାଦରେ ନାହିଁ । ଅପିଲକାରୀ ନିଯୁକ୍ତି ପାଇଁ ଅଧିସୂଚନାରେ କର୍ମ ନିୟୋଜନ କାର୍ଯ୍ୟାଳୟରୁ ନାମ ମାଗିଥିଲେ । ସେମାନଙ୍କ ନାମ ଡାକି, ଅପିଲକାରୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ବ୍ୟତୀତ ଯୋଗ୍ୟତା ଭାବରେ ମିନିଟ ପ୍ରତି 30 ଶବ୍ଦ ବେଗରେ ଟାଇପ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ, ଲିଖିତ ପରୀକ୍ଷାରେ 545 ଜଣ ପ୍ରାର୍ଥୀ ଯୋଗ୍ୟତା ହାସଲ କରିଥିଲେ ଏବଂ ସେମାନଙ୍କୁ ଟାଇପିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ଥିଲା । ଟାଇପିଂ ପରୀକ୍ଷା ପରିଚାଳନା କରିବା ପରେ, 44-189 ରେ ଥିବା ଉତ୍ତରଦାତାମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଅନ୍ୟ ଉତ୍ତରଦାତାମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିଲେ । ଫଳସ୍ୱରୂପ, ସେମାନଙ୍କୁ ନିଯୁକ୍ତି ଦିଆଯାଇପାରିଲା ନାହିଁ । ଯେତେବେଳେ ସେମାନେ ଆବଶ୍ୟକ ନିର୍ଦ୍ଦେଶ ପାଇଁ ଧାରା 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । କିନ୍ତୁ ଅପିଲରେ, ଏଫ୍.ଏମ୍.ଏ. ସଂଖ୍ୟା 648/91ରେ ଦୁଇଜଣିଆ ଖଣ୍ଡପୀଠ ଏପ୍ରିଲ୍ 27, 1992 ର ଆଦେଶ ଦ୍ୱାରା ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶ ବାତିଲ କରି ନିର୍ଦ୍ଦେଶ ଦେଇଥିଲେ ଯେ 44-189 ଉତ୍ତରଦାତାଙ୍କ ନିଯୁକ୍ତି ଅଯୌକ୍ତିକ ନଥିଲା । ତଥାପି ଉତ୍ତରଦାତାମାନଙ୍କୁ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟଥିତ ହୋଇ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଦାୟର କରାଯାଇଛି ।

ନଭେମ୍ବର 2, 1995 ତାରିଖର ଆମର ନିର୍ଦ୍ଦେଶ ଅନୁଯାୟୀ, ଅପିଲକାରୀମାନେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ସଚିବାଳୟ ନିୟମାବଳୀର ନିୟମ 4 ରେ ଗଣନା କରାଯାଇଥିବା ଅନୁସୂଚୀ 2, 2-A ସମ୍ବନ୍ଧୀୟ ପ୍ରାସଙ୍ଗିକ ନିୟମଗୁଡ଼ିକୁ ନଥିରେ ରଖିଛନ୍ତି । ଅଧିସୂଚନା ଆକାରରେ ଏହା ସ୍ତମ୍ଭ 3 (C) ରେ ଏହିପରି କୁହାଯାଇଛି:

> "ଆବଶ୍ୟକ ଯୋଗ୍ୟତା:
>
> ଚୂଡ଼ାନ୍ତ ବିଦ୍ୟାଳୟ କିମ୍ବା ଏହାର ସମକକ୍ଷ । ଇଂରାଜୀ ଟାଇପିଙ୍ଗରେ ସର୍ବନିମ୍ନ ପ୍ରତି ମିନିଟରେ 30 ଶବ୍ଦର ବେଗ ସହିତ ଜ୍ଞାନ ରହିବା ଆବଶ୍ୟକ । ଟାଇପିଂରେ ଏପରି ଜ୍ଞାନ ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ଆବଶ୍ୟକ ନୁହେଁ ।"

ପଶ୍ଚିମବଙ୍ଗ ବୋର୍ଡର ବିବିଧ ନିୟମାବଳୀ, 1955 ର ନିୟମ 65 ଅନୁଯାୟୀ କନିଷ୍ଠ ବର୍ଗରେ ସ୍ଥାୟୀ ନିଯୁକ୍ତି ପାଇଁ ଯୋଗ୍ୟତା ନିର୍ଦ୍ଦିଷ୍ଟ ହୋଇଛି ଯାହା ମଧ୍ୟରୁ ସର୍ତ୍ତ (d) ପ୍ରଦାନ କରେ ଯେ:

> "ଜିଲ୍ଲା କିମ୍ବା ଉପଖଣ୍ଡ କାର୍ଯ୍ୟାଳୟରେ ଖାଲିଥିବା ପଦବୀ କ୍ଷେତ୍ରରେ ପଦବୀ ପାଇଁ ସର୍ବୋତ୍ତମ ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ନିୟମ 62 ରେ ଉଲ୍ଲେଖିତ ସମୟ ମଧ୍ୟରେ ଯଥାର୍ଥ ସୂଚନା ଦେବା

> ପରେ ପ୍ରାର୍ଥୀମାନଙ୍କର ଏକ ପରୀକ୍ଷା କରାଯିବା ଉଚିତ । (a) ହସ୍ତାକ୍ଷର, (b) ଇଂରାଜୀ ଏବଂ ବଙ୍ଗଳାରେ ଜ୍ଞାନ (c) ସାଧାରଣ ଜ୍ଞାନ ଏବଂ ବୁଦ୍ଧିମତା ପରୀକ୍ଷା ପାଇଁ ଇଂରାଜୀ ଏବଂ ବଙ୍ଗଳା ଭାଷାରେ ପରୀକ୍ଷା ଅନୁଷ୍ଠିତ ହେବ । ଦୁଇ ଘଣ୍ଟା ମଧ୍ୟରେ ଗୋଟିଏ ବିଷୟର ଉତ୍ତର ଦେବାକୁ ପଡିବ । ଟାଇପ୍-ରାଇଟିଂ ପାଇଁ ପରୀକ୍ଷା ଅଧ ଘଣ୍ଟା ପାଇଁ ହେବ । ଜଣେ ପ୍ରାର୍ଥୀ ମିନିଟ୍ ପିଛା ଅତିକମରେ 30 ଶବ୍ଦ ହାରରେ ସୁପାଠ୍ୟ ହସ୍ତାକ୍ଷରରୁ ସଠିକ୍ ଭାବରେ ପ୍ରତିଲିପି କରିବାକୁ ସକ୍ଷମ ହେବା ଉଚିତ ଏବଂ ପ୍ରତ୍ୟେକ ଭୁଲ ପାଇଁ ପାଞ୍ଚ ଶବ୍ଦର ଦଣ୍ଡ ଆଧାରରେ ବିଷୟରେ ମୂଲ୍ୟାଙ୍କନ ହେବ ଯେପରିକି ଭୁଲ ବନାନ, ଭୁଲ ବ୍ୟବଧାନ, ଭୁଲ ଅନୁଚ୍ଛେଦ । ଗୋଟିଏ ଅକ୍ଷର ଅନ୍ୟ ଉପରେ ଟାଇପ୍ ହୋଇଛି, ଇତ୍ୟାଦି । ପାଣ୍ଡୁଲିପି ଏପରି ହେବ ଯେପରି ସାଧାରଣ ସରକାରୀ ଚିଠିପତ୍ରରେ ବ୍ୟବହୃତ ହୁଏ ଏବଂ ଅନୁମୋଦିତ ତ୍ରୁଟିର ପ୍ରତିଶତ 5 ପ୍ରତିଶତରୁ ଅଧିକ ହେବ ନାହିଁ । ପରୀକ୍ଷାଗୁଡ଼ିକ ଜିଲ୍ଲା ଅଧିକାରୀ କିମ୍ବା ଯେକୌଣସି ବରିଷ୍ଠ ଗେଜେଟେଡ୍ ଅଧିକାରୀଙ୍କ ଦ୍ୱାରା କରାଯିବା ଉଚିତ ଯାହାକୁ ସେ ଦାୟିତ୍ୱ ଦେଇପାରିବେ ।"

ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ଯୋଗ୍ୟତାର ବିଜ୍ଞାପନ ଏବଂ ନିର୍ଦ୍ଧାରଣ ଅନୁଯାୟୀ, ଉତ୍ତରଦାତା ସଂଖ୍ୟା 1 ରୁ 43 ପରୀକ୍ଷା ପାଇଁ ହାଜର ହୋଇଥିଲେ ଏବଂ ପରୀକ୍ଷା ଦେଇଥିଲେ । ସେମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେମାନେ ଟାଇପିଂ ପରୀକ୍ଷା ପାଇଁ ମଧ୍ୟ ହାଜର ହୋଇଥିଲେ ଏବଂ ସେଥିରେ ସେମାନେ ଉତ୍ତୀର୍ଣ୍ଣ ହୋଇନଥିଲେ । ତେଣୁ ପ୍ରଶ୍ନ ଉଠେ ଯେ ସମ୍ବିଧାନର ଅନୁଚ୍ଛେଦ 309 ର ବ୍ୟବସ୍ଥା ଅନୁଯାୟୀ ଜାରି ହୋଇଥିବା ପଶ୍ଚିମବଙ୍ଗ ସେବା (ସଚିବାଳୟ ସାଧାରଣ ବର୍ଗ) ନିୟମାବଳୀ, 1984 (ସଂକ୍ଷେପରେ 'ନିୟମାବଳୀ') ଜିଲ୍ଲା ଏବଂ ଉପ-ବିଭାଗୀୟ କାର୍ଯ୍ୟାଳୟରେ ନିଯୁକ୍ତ ହେବାକୁ ଥିବା ଏଲ୍.ଡ଼ି.ସି.ଙ୍କ ନିଯୁକ୍ତି ପଦ୍ଧତି ପାଇଁ ପ୍ରଯୁଜ୍ୟ ହେବ କି? ଏହି ନିୟମାବଳୀରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ ସେଗୁଡ଼ିକ ସଚିବାଳୟ ସାଧାରଣ ବର୍ଗ ନିୟମାବଳୀ ପାଇଁ ପ୍ରଯୁଜ୍ୟ । ଏହି ମାମଲାରେ ପ୍ରାସଙ୍ଗିକ ନିୟମ 4 ରେ କୁହାଯାଇଛି ଯେ ପଶ୍ଚିମବଙ୍ଗ (ବର୍ଗୀକରଣ ନିୟନ୍ତ୍ରଣ ଏବଂ ଅପିଲ) ନିୟମାବଳୀ, 1971 ର ବ୍ୟବସ୍ଥା ସତ୍ତ୍ୱେ, ନିଯୁକ୍ତି ପାଇଁ ସକ୍ଷମ କର୍ତ୍ତୃପକ୍ଷ ନିୟମ 7 ରେ ପରିକଳ୍ପନା କରାଯାଇଛି । ଅନୁସୂଚୀରେ ନିର୍ଦ୍ଦିଷ୍ଟ ହୋଇଥିବା ବିଭାଗଗୁଡ଼ିକର ତାଲିକା ଉପରେ ନିୟମ 4 ଲାଗୁ ହେବ । ଅନୁସୂଚୀକୁ ଯୋଡ଼ାଯାଇଛି ଏବଂ ଖଣ୍ଡ (iv) ରେ 'ଜମି ଏବଂ ଭୂ ସଂସ୍କାର ବିଭାଗ' ର ପରିକଳ୍ପନା କରାଯାଇଛି । ଶେଷରେ ଏହା 'କାର୍ଯ୍ୟାଳୟ' '1' ଶୀର୍ଷରେ ଉଲ୍ଲେଖ କରାଯାଇଛି । ରାଜସ୍ୱ ବୋର୍ଡ, ପଶ୍ଚିମବଙ୍ଗ ।

ଏହି ନିୟମାବଳୀ ଉପରେ ନିର୍ଭର କରି, ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଏମ୍.ଏନ୍. କୃଷ୍ଣମଣି ଯୁକ୍ତି ବାଢ଼ିଥିଲେ ଯେ ଜମି ଏବଂ ଭୂ ସଂସ୍କାର ବିଭାଗରେ କାର୍ଯ୍ୟ କରୁଥିବା ଉତ୍ତରଦାତାମାନେ ରାଜସ୍ୱ ବୋର୍ଡ ଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି । ତେଣୁ, ସେଗୁଡିକ ଏହି ନିୟମାବଳୀ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ଯାହା ଯଦିଓ ପ୍ରଥମେ ଟାଇପିଂ ଟେଷ୍ଟରେ ପାସ୍ କରିବାକୁ ନିର୍ଦ୍ଦେଶ ଦେଇଥିଲା କିନ୍ତୁ ଏହା ନିଯୁକ୍ତି ପାଇଁ ଏକ ସର୍ତ୍ତ ନୁହେଁ । ପରୀବିକ୍ଷା ସମୟରେ ଏହି ଯୋଗ୍ୟତା ହାସଲ କରାଯାଇପାରିବ । ପରବର୍ତ୍ତୀ ସମୟରେ ସେହି ନିୟମକୁ

ହଟାଇ ଦିଆଯାଇଥିଲା, ଫଳସ୍ୱରୂପ ଉତ୍ତରଦାତା ସଂଖ୍ୟା 1-43 ହିସାବ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ନାହିଁ । ଏହି ତର୍କରେ ଆମେ କୌଣସି ଦୃଢତା ପାଉନାହୁଁ ।

ଏହା ଦେଖିବାକୁ ମିଳିଛି ଯେ ଏହି ନିୟମାବଳୀଗୁଡ଼ିକ ନିଜେ ସ୍ପଷ୍ଟ ଭାବେ ସୂଚିତ କରିବ ଯେ ସେଗୁଡ଼ିକ ସଚିବାଳୟ ଏବଂ ଅନୁସୂଚୀରେ ଉଲ୍ଲିଖିତ କାର୍ଯ୍ୟାଳୟଗୁଡ଼ିକ ପାଇଁ ପ୍ରଯୁଜ୍ୟ । ଅନୁସୂଚୀରେ ଉଲ୍ଲିଖିତ ଭୂମି ଏବଂ ଭୂମି ସଂସ୍କାର ବିଭାଗ ହେଉଛି ସଚିବାଳୟର ଏକ ବିଭାଗ ।'କାର୍ଯ୍ୟାଳୟ' ରେ ରାଜସ୍ୱ ବୋର୍ଡ ବିଷୟରେ ଉଲ୍ଲେଖ ରହିଛି । ତେଣୁ ଏହା ଜଣାପଡ଼ିବ ଯେ ସଚିବାଳୟ ଏକ ପୃଥକ ଶାଖା ଏବଂ ରାଜସ୍ୱ ବୋର୍ଡ ହେଉଛି ବିଭାଗର ମୁଖ୍ୟ । ଯେତେବେଳେ ଆମେ ପଶ୍ଚିମବଙ୍ଗ ଲୋକସେବା ଆୟୋଗ ନିୟାମକ, 1937 ସହିତ ସଂଲଗ୍ନ ଅନୁସୂଚୀ 2 ଏବଂ ଅନୁସୂଚୀ 2-C ଦେଖୁ, ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ । ଏହା ସ୍ପଷ୍ଟ ଭାବରେ ବିଭିନ୍ନ ଲିପିକ ପ୍ରତିଷ୍ଠାନ, ଷ୍ଟେନୋଗ୍ରାଫର ଏବଂ ସଚିବାଳୟର ଟାଇପିଷ୍ଟ ଏବଂ ସମସ୍ତ ବିଭାଗର ଟାଇପିଷ୍ଟଙ୍କୁ ଗଣନା କରେ । ସେମାନେ ସମସ୍ତେ ବିଭାଗର ମୁଖ୍ୟ । ତାହା ମଧ୍ୟ ଅନୁସୂଚୀ 2-C ରେ ଦର୍ଶାଯାଇଥିଲା, ଯେଉଁଥିରେ କାରାଗାର ମହାନିରୀକ୍ଷକ ଏବଂ ଜଙ୍ଗଲ ସଂରକ୍ଷକ ସାମିଲ ଥିଲେ । ତେଣୁ ଏହା ଜଣାପଡ଼ିବ ଯେ ଲୋକସେବା ଆୟୋଗ ମାଧ୍ୟମରେ ନିଯୁକ୍ତି ପାଇଁ ନିୟମାବଳୀ ଲିପିକ ପ୍ରତିଷ୍ଠାନ, ଷ୍ଟେନୋଗ୍ରାଫର ଏବଂ ସଚିବାଳୟର ଟାଇପିଷ୍ଟ ଏବଂ ବିଭାଗର ମୁଖ୍ୟମାନଙ୍କ ସମ୍ବନ୍ଧରେ ରହିଛି । ନିୟମାବଳୀ 31 ଅନ୍ୟ ବିଭାଗଗୁଡ଼ିକୁ ବାଦ ଦେଇଥାଏ ଯାହା ଏହିପରି ପରିକଳ୍ପନା କରିଥାଏ:

> "ପ୍ରାଦେଶିକ ସରକାରଙ୍କ ଅଧୀନସ୍ଥ ଏକ କର୍ତ୍ତୃପକ୍ଷ ନିଯୁକ୍ତିକାରୀ କର୍ତ୍ତୃପକ୍ଷଙ୍କ ସହିତ ସଂଲଗ୍ନ ସୂଚୀ "C" ରେ ଅନ୍ତର୍ଭୁକ୍ତ ନଥିବା କୌଣସି ସେବା କିମ୍ବା ପଦବୀ ପାଇଁ ଅଧିନିୟମର ଧାରା 266 ର ଉପ-ଧାରା (3) ର ଖଣ୍ଡ (a) ଏବଂ (b) ରେ ନିର୍ଦ୍ଦିଷ୍ଟ ହୋଇଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ଆୟୋଗଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ହେବ ନାହିଁ ।"

ଅନ୍ୟ ଶବ୍ଦରେ, ଅନୁସୂଚୀ 2 ଏବଂ 2-C ରେ ଉଲ୍ଲେଖ ଥିବା ବିଭାଗ ବ୍ୟତୀତ, ଜିଲ୍ଲା ଏବଂ ଉପ-ବିଭାଗୀୟ କାର୍ଯ୍ୟାଳୟଗୁଡ଼ିକ ଅନ୍ୟାନ୍ୟ ଦୃଷ୍ଟିରୁ ପଶ୍ଚିମବଙ୍ଗ ଲୋକସେବା ଆୟୋଗ ନିୟମାବଳୀ 1937 ର ନିୟମ 31 ର କାର୍ଯ୍ୟକାରିତା ଦ୍ୱାରା ବାଦ ଦିଆଯାଇଛି । ଥରେ ସେମାନେ ଲୋକସେବା ଆୟୋଗଙ୍କ ଦ୍ୱାରା ନିଯୁକ୍ତିରୁ ବାଦ ପଡ଼ିଲେ, ଆବଶ୍ୟକ ଅନୁରୂପ ଫଳାଫଳ ହେବ ଯେ ସେମାନେ ବୋର୍ଡର ବିବିଧ ନିୟମାବଳୀ, 1955 ଦ୍ୱାରା ପରିଚାଳିତ ଅଟନ୍ତି । ଜିଲ୍ଲା ଏବଂ ଉପଖଣ୍ଡ କାର୍ଯ୍ୟାଳୟରେ ଏଲ୍.ଡି.ସି. ଭାବରେ ନିଯୁକ୍ତି ପାଇଁ ଯୋଗ୍ୟତା ଭାବରେ ଟାଇପିଂ ପାସ୍ କରିବାକୁ ସେମାନେ ସ୍ପଷ୍ଟ ଭାବରେ ପରିକଳ୍ପନା କରିଛନ୍ତି । ତେଣୁ ଏହା ସ୍ପଷ୍ଟ ହେବ ଯେ ନିଯୁକ୍ତି ସଠିକ୍ ଏବଂ ଆଇନଗତ ଭାବରେ କରାଯାଇଥିଲା, ଉତ୍ତରଦାତା ସଂଖ୍ୟା 1-43 ଏବଂ 114-120 ଟାଇପିଂ ପରୀକ୍ଷାରେ ଉପସ୍ଥିତ ହୋଇ ବିଫଳ ହୋଇଥିବାରୁ, ବର୍ତ୍ତମାନ ସେ ପଛକୁ ଫେରି ପାରିବେନାହିଁ ଏବଂ ଯୁକ୍ତି କରିପାରିବେ ନାହିଁ ଯେ ଉକ୍ତ ନିୟମଗୁଡ଼ିକ ପ୍ରଯୁଜ୍ୟ ନୁହେଁ ଏବଂ ନିୟମଗୁଡ଼ିକ ସେମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ । 1992 ମସିହା ଅକ୍ଟୋବର 22 ତାରିଖରେ ସି.ଏ. 4531/92ରେ ଏହି ନ୍ୟାୟାଳୟ ଦେଇଥିବା ନିର୍ଣ୍ଣୟରୁ ମଧ୍ୟ ଆମର ମତକୁ ସମର୍ଥନ ମିଳିଛି ।

ଭବିଷ୍ୟତରେ ନିଯୁକ୍ତି କ୍ଷେତ୍ରରେ, ଉତ୍ତରଦାତା ସଂଖ୍ୟା 1-43 ଏବଂ 114-120 ପରୀକ୍ଷାରେ ଯୋଗଦେବା ଏବଂ ଏଲ.ଡି.ସି. ଭାବରେ ନିଯୁକ୍ତି ପାଇଁ ବିବେଚିତ ହେବାର ଅଧିକାର ଦାବି କରିବା ପାଇଁ ଉନ୍ମୁକ୍ତ ରହିପାରେ । ଯଦି ସେମାନଙ୍କ ମଧ୍ୟରୁ କାହାକୁ ବୟସ ଦ୍ୱାରା ପ୍ରତିବନ୍ଧିତ କରାଯାଏ, ତେବେ ବୟସରେ ଆବଶ୍ୟକୀୟ ଛାଡ଼ ଦିଆଯାଇପାରେ ଏବଂ ନିୟମ ଅନୁଯାୟୀ ସେମାନଙ୍କୁ ବିଚାର କରାଯାଇପାରେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି ଏବଂ ଦୁଇଜଣିଆ ଖଣ୍ଡପୀଠଙ୍କ ଆଦେଶ ବାତିଲ କରି ଦିଆଯାଇଛି ଏବଂ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶ ନିଶ୍ଚିତ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

କେ.କେ.ଟି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।